## ଖାଦାନକୁ ଖସିଲା ଆମ୍ବୁଲାନ୍ସ

ସଜନାଗଡ଼,(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ମିତ୍ରପୁର ଠାରେ ଥିବା କେପିଏନ୍ ଖାଦାନରେ ଭାରସାମ୍ୟ ହରାଇ ଏକ ଆମ୍ବୁଲାନ୍ସ ଖସି ପଡ଼ିଛି। ଏଥିରେ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଆମ୍ବୁଲାନ୍ସଟି କଟକରୁ ଆସିଥିବା ବେଳେ ଉକ୍ତ ଗାଡ଼ିରେ କୌଣସି ରୋଗୀ ନ ଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆମ୍ବୁଲାନ୍ସଟିକୁ ଉଦ୍ଧାର କରିବା ସହ ତଦନ୍ତ କରୁଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଜେଜେ ମା'ଙ୍କ ଏକାଦଶାହରେ ପାଣିରେ ବୁଡ଼ିଗଲେ ଅଣନାତି

ଲଙ୍ଗଳେଶ୍ୱର,୧୧।୮(ଡି.ଏନ.ଏ.)- ଜେଜେ ମା'ଙ୍କ ଏକଦଶାହ କର୍ମ ଚାଲୁଥିବା ସମୟରେ ପାଣିରେ ବୁଡ଼ି ଅଣନାତିଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ବାୟା ଗ୍ରାମରେ ବୁଧବାର ଏହି ଅଭାବନୀୟ ଘଟଣା ଘଟିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ବାୟା ଗ୍ରାମର ବଳରାମ ପାତ୍ରଙ୍କ ଜେଜେ ମା'ଙ୍କର ଏକାଦଶାହ କର୍ମ ଚାଲୁଥିଲା। ଏହି ସମୟରେ ବଳରାମଙ୍କ ୧୭ ମାସର ପୁଅ ସ୍ୱରାଜ ଘର ନିକଟସ୍ଥ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଚାରିଆଡ଼େ ଖୋଜାଖୋଜି କରି ଶେଷରେ ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭/୨୧) ରୁଜୁ ହୋଇଛି।

### ଯୁବକଙ୍କ ଆତ୍ମହତ୍ୟା

ଲଙ୍ଗଳେଶ୍ୱର,୧୧।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ସିଂଲା ଥାନା କଷାଫଳ ପଞ୍ଚାୟତ ଅନ୍ତର୍ଗତ ବଟପାହି ଗ୍ରାମର ଜଣ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଦୁର୍ଗା ହାଁସଦା (୪୨)। ମଙ୍ଗଳବାର ଘରେ କେହି ନ ଥିବା ବେଳେ ସେ ଆତ୍ମହତ୍ୟା କରିଥିଲେ। ଖବରପାଇ ସାର୍ଥା ଫାଣ୍ଡି ଅଧିକାରୀ ଗୌରହରି ଦାସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୧) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

### ଡକାୟତି ଘଟଣା: ଜଣେ ଗିରଫ

ଯୋଡ଼ା,୧୧।୮(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ଜୁରୁଡି ନ୍ୟୁ କଲୋନୀରୁ ବିବେକାନନ୍ଦ ସିତାରୀ ନାମକ ଜଣେ ଯୁବକଙ୍କୁ ଡକାୟତି ମାମଲାରେ ବାମେବାରୀ ପୋଲିସ ଗିରଫ କରିଛି। ଘଟଣା ସମ୍ପର୍କରେ ସବଇନ୍ସପେକ୍ଟର ବିଶ୍ୱଜିତ୍ ବେହେରାଙ୍କ ସୂଚନାନୁଯାୟୀ ଗତ ଏକମାସ ତଳେ ଜୁରୁଡି ରେଲୱେ ସାଇଡିଂରେ ଟ୍ରକରୁ ଏକ ଡକାୟତି ହୋଇଥିଲା। ଏନେଇ ବାମେବାରୀ ପୋଲିସ ଏକ ମାମଲା (ନଂ.୨୫/୨୭) ରୁଜୁ କରି ତଦନ୍ତ ଜାରି ରଖିଛି।

### ବାଲି ବୋଝେଇ ହାଇୱାକୁ ଜରିମାନା

ପାଟଣା,୧୧।୮(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ତହସିଲ ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ହାତିବାରୀ ନିକଟରେ ମଙ୍ଗଳବାର ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ ଚଢ଼ାଉ କରି ବିନା ଟ୍ରାଞ୍ଜିଟ୍ ପାସ୍‌ରେ ବାଲି ନେଇ ଯାଉଥିବା ଏକ ହାଇୱାରୁ ୩୯,୧୨୦ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏହି ଚଢ଼ାଉରେ ତହସିଲଦାରଙ୍କ ସହ ତୁରୁମୁଙ୍ଗା ରାଜସ୍ୱ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତ, ପାଟଣା ରାଜସ୍ୱ ନିରୀକ୍ଷକ ସତ୍ୟବ୍ରତ ସାହୁଙ୍କ ସମେତ ତହସିଲ କର୍ମଚାରୀ ସାମିଲ ଥିଲେ।

### ନାବାଳିକା ଅପହରଣ ଅଭିଯୋଗ

କୁଳିଅଣା,୧୧।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଞ୍ଚଳର ଜନୈକା ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ବାପୁନ ସିଂ ଏହି ଅପହରଣ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୦୭/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ଯୋଡ଼ା,୧୧।୮ (ଡି.ଏନ.ଏ.) : କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅଧୀନ ପୁଟୁଗାଁ ଗ୍ରାମ ନିକଟ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ବିଜୟ ମହାନ୍ତ (୨୫)। ତାଙ୍କ ଘର ବଡବିଲ ସହରର ମହାନ୍ତ ବସ୍ତିରେ। ପୋଲିସ ସୂଚନା ଅନୁଯାୟୀ, ବିଜୟ ଗତ ୯ ତାରିଖରେ ସ୍ଥାନୀୟ କୁଟାରୀପୋଷି ଗାଁରେ ଥିବା ତାଙ୍କର ଶ୍ୱଶୁର ଘରକୁ ଆସିଥିଲେ। ବୁଧବାର ବିଜୟଙ୍କର ମୃତଦେହ ଏକ ପଳଶା ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଯୋଡା ଥାନା ଅଧିକାରୀ ପଦ୍ମାଳୟା ସାହୁ, ବିଲେଇପଦା ଫାଣ୍ଡି ଅଧିକାରୀ ସେକ୍ ଆଜାରୁଦ୍ଦିନ ପହଞ୍ଚି ମୃତଦେହ ଜବତ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଏନେଇ ଯୋଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୨୬/୨୧) ରୁଜୁ କରାଯାଇଛି। ଶ୍ୱଶୁର ଘର ଲୋକ ତାଙ୍କୁ ଏକ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ନେଇ ବିଜୟଙ୍କ ମା କୁନ୍ତଳା ଅଭିଯୋଗ କରିଛନ୍ତି। ଏହି ମୃତ୍ୟୁର କାରଣ ନେଇ ପୋଲିସ କୌଣସି ସ୍ପଷ୍ଟ ସୂଚନା ଦେଇନଥିବା ବେଳେ ବ୍ୟବଚ୍ଛେଦ ପରେ ଏହାର ସତ୍ୟାସତ୍ୟ ଜଣାପଡିବ ବୋଲି ଆଇଆଇସି ସାହୁ କହିଛନ୍ତି।

# ଅର୍ଥ ଥାଇ ବି ଅଟକି ରହିଛି

- ନିର୍ମାଣ ହୋଇପାରୁନି ହଷ୍ଟେଲ
- ଉଚ୍ଚ ଶିକ୍ଷାରୁ ବଞ୍ଚିତ କେଜିବିଭି ଛାତ୍ରୀ

**ବାରିପଦା ଅଫିସ,୧୧।୮**


ବଡ଼ସାହିସ୍ଥିତ କେଜିବିଭି ସ୍କୁଲ।

କେନ୍ଦ୍ର ସରକାରଙ୍କ ସମଗ୍ର ଶିକ୍ଷା ଅଭିଯାନ ମାଧ୍ୟମରେ ୨୦୦୪ରୁ ଅସହାୟ ଓ ଅନଗ୍ରସର ଛାତ୍ରୀମାନଙ୍କ ପାଇଁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି) ଯୋଜନା କାର୍ଯ୍ୟ କରୁଛି। ୨୦୧୮-୧୯ରେ ସରକାର ଏହି ବିଦ୍ୟାଳୟଗୁଡ଼ିକୁ ଅପଗ୍ରେଡ୍ କରି ନବମରୁ ଦ୍ୱାଦଶ ଶ୍ରେଣୀ ଖୋଲିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ତେବେ ଆବଶ୍ୟକ ହଷ୍ଟେଲ ଅଭାବରୁ ଜିଲାରେ ବର୍ତ୍ତମାନ ନବମ ଓ ଦଶମ ଶ୍ରେଣୀ ଖୋଲିଥିବା ବେଳେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଖୋଲି ନାହିଁ। ଅପରପକ୍ଷରେ ଅତିରିକ୍ତ ହଷ୍ଟେଲ ଗୃହ ନିର୍ମାଣ ପାଇଁ ସରକାର ଦେଇଥିବା ୨୬କୋଟି ଟଙ୍କା କାର୍ଯ୍ୟକାରୀ ହୋଇ ନ ଥିବାରୁ ହଷ୍ଟେଲ ଅଭାବରୁ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ଛାତ୍ରୀମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଫଳରେ ସରକାରଙ୍କ ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରୁ ନାହିଁ।

ମୟୂରଭଞ୍ଜ ଜିଲାରେ ଥିବା ଆଦିବାସୀ, ପଛୁଆବର୍ଗ, ସଂଖ୍ୟାଲଘୁ, ଅତି ଗରିବ ଶ୍ରେଣୀର ବାଳିକାମାନଙ୍କ ପାଇଁ ୨୬ଟି କେଜିବିଭି ବିଦ୍ୟାଳୟ ରହିଛି। ଏଥିରେ ମୋଟ ୩ହଜାର ୨୪୬ଛାତ୍ରୀ ପଢୁଛନ୍ତି। ସେଥି ମଧ୍ୟରୁ ୬ଷ୍ଠରେ ୩୬୧, ୭ମରେ ୬୪୫, ୮ମରେ ୯୨୫, ନବମରେ ୭୧୬ ଓ ଦଶମରେ ୫୮୯ଜଣ ଛାତ୍ରୀ ରହିଛନ୍ତି। ଏହି ବିଦ୍ୟାଳୟଗୁଡ଼ିକୁ ଅପଗ୍ରେଡ୍ କରାଯାଇ ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ନିମନ୍ତେ ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ ଗୃହ ନିର୍ମାଣ ବାବଦରେ ପ୍ରତି ବିଦ୍ୟାଳୟକୁ ୯୯ଲକ୍ଷ ୯୯ହଜାର ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯାଇଛି। ମାତ୍ର ଆବଶ୍ୟକ ଭିତ୍ତିଭୂମି ଥିବା ସତ୍ତ୍ୱେ ୩ବର୍ଷ ଧରି ଏହି ଅର୍ଥରାଶି କାର୍ଯ୍ୟରେ ନ ଲାଗି ପଡ଼ିରହିଛି। ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏହା କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ଅଦ୍ୟାବଧି ଦ୍ୱାଦଶ ଶ୍ରେଣୀ ଖୋଲିବା ସମ୍ଭବ ହୋଇପାରିନାହିଁ ବୋଲି ଅଭିଭାବକ ନରୋତ୍ତମ ନାଏକ, ସହଦେବ ବାରିକ, କାଳିଚରଣ ସିଂ ପ୍ରମୁଖ ପ୍ରକାଶ କରିଛନ୍ତି। ଫଳରେ ଛାତ୍ରୀମାନେ ଦଶମ ପାସ ପରେ ଘରକୁ ପ୍ରତ୍ୟାବର୍ତ୍ତନ କରି ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

ସେହିପରି ବିଦ୍ୟାଳୟରେ ସାଇକେଲ୍ ଷ୍ଟାଣ୍ଡ, ଷ୍ଟାଫ କ୍ୱାର୍ଟର୍ସ ଆଦି ବ୍ୟବସ୍ଥା ନ ଥିବା ବେଳେ ଛାତ୍ରୀ ଓ କର୍ମଚାରୀମାନେ ବହୁ ହଇରାଣ ହରକତ ହେଉଛନ୍ତି। ସରକାରୀ ଯୋଜନାଗୁଡ଼ିକ ଉଚିତ ସମୟରେ କାର୍ଯ୍ୟକାରୀ ହେଉ ନ ଥିବାରୁ ପାଠପଢ଼ାରେ ଡୋରିବନ୍ଧା ହେବ ବୋଲି ନବମ ଶ୍ରେଣୀର ଛାତ୍ରୀ ସୁକୁମାରୀ ନାଏକ, ଫୁଲମଣି ମୁର୍ମୁ, ଜବା ଟୁଡୁ କହିଛନ୍ତି। ଏ ସମ୍ପର୍କରେ ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ଦାୟିତ୍ୱରେ ଥିବା ଜିଲା ଶିକ୍ଷାଧିକାରୀ ପ୍ରଦୋଷ ନାଏକ କୁହନ୍ତି, ରାଇରଙ୍ଗପୁର ଉପଖଣ୍ଡରେ ଥିବା ୭ଟି ବିଦ୍ୟାଳୟ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗକୁ ୭କୋଟି ଟଙ୍କା ପ୍ରଦାନ କରାଯାଇଥିବା ବେଳେ ବିଭାଗ ଖୁବ ଶୀଘ୍ର ଟେଣ୍ଡର ପ୍ରକ୍ରିୟା କରି କାର୍ଯ୍ୟ ଆରମ୍ଭ କରିବ। ସେହିପରି ବାରିପଦା ଓ କରଞ୍ଜିଆ ଉପଖଣ୍ଡର ୧୯ଟି ବିଦ୍ୟାଳୟ ପାଇଁ ଅନୁରୂପ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁଙ୍କୁ ପଚାରିବାରୁ ଜିଲା ପରିଷଦ ବୈଠକରେ ଏହି ସମସ୍ୟା ନେଇ ମୁଁ ପ୍ରଶ୍ନ ଉପସ୍ଥାପନ କରିଥିଲି। ମାତ୍ର ଜିଲା ପ୍ରଶାସନ କେନ୍ଦ୍ର ସରକାରଙ୍କ ଯୋଜନା କାର୍ଯ୍ୟକାରୀ କରିବାରେ ଆନ୍ତରିକତା ନ ଥିବା ଏଥିରୁ ପ୍ରମାଣିତ ହେଉଛି ବୋଲି କହିଛନ୍ତି।

## ବାଲେଶ୍ୱର ବାଲିଘାଟରେ ଅରୁଣ ଦେ'ଙ୍କ ଦଶାହ କର୍ମ


ଦଶାହ କର୍ମରେ ଯୋଗ ଦେଇଥିବା 'ସ୍ମରଣେ ଦାଦା'ର ସଦସ୍ୟ।

**ବାଲେଶ୍ୱର ଅଫିସ,୧୧।୮**

ବାଲେଶ୍ୱର ସହରର ବାଲିଘାଟ ଠାରେ ସ୍ୱର୍ଗତ ଅରୁଣ ଦେ'ଙ୍କ ଦଶାହ କ୍ରିୟାକର୍ମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅରୁଣ ପ୍ରେମୀଙ୍କ ଦ୍ୱାରା ଗଠନ କରାଯାଇଥିବା ଅନୁଷ୍ଠାନ 'ସ୍ମରଣେ ଦାଦା' ପକ୍ଷରୁ ଉକ୍ତ ଦଶାହ କ୍ରିୟାକର୍ମ ହେଇଥିଲା। ଅନୁଷ୍ଠାନର ମୁଖ୍ୟ ଗୌତମ ସେଠୀ କ୍ରିୟା କର୍ମର ମୁଖ୍ୟ ତଥା କର୍ତ୍ତା ରୂପେ ସମ୍ପୂର୍ଣ୍ଣ ବିଧିର ସହ କାର୍ଯ୍ୟ କରିଥିଲେ। ଦଶାହ କର୍ମରେ ୪୭ ଜଣ ସ୍ୱଇଚ୍ଛାରେ ବାଲିଘାଟ ଠାରେ ଲଣ୍ଡା ହୋଇଥିଲେ। ଉକ୍ତ ଦଶାହ କର୍ମରେ ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ଶାନ୍ତନୁଦାସ, ଅଭିଜିତ ଘୋଷାଲ, ପ୍ରଶାନ୍ତ ମହାପାତ୍ର, ଧନେଶ୍ୱର ଦାସ, ପଞ୍ଚାନନ ମାନ୍ନା, ରବି ରାଉତ, ସନ୍ତୋଷ ବାରିକ, ସଞ୍ଜୟ ବାରିକ, ସତ୍ୟରଞ୍ଜନ ଦାସ, ଶଶୀକାନ୍ତ ପ୍ରଧାନ, ନୀଳାମ୍ବର ଦାସଙ୍କ ସମେତ ବହୁ ଦାଦା ପ୍ରେମୀ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା


ମହିଳାମାନେ ଧାରଣାରେ ବସିଛନ୍ତି।

**ଭଦ୍ରକ ଅଫିସ,୧୧।୮**

ଭଦ୍ରକ ଜିଲା ସଦର ବ୍ଲକ ବାଉଦପୁର ପଞ୍ଚାତର ୨ଟି ୱାର୍ଡର ମହିଳାମାନେ ବୁଧବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଉକ୍ତ ପଞ୍ଚାୟତର ୧ ନଂ. ୱାର୍ଡରେ ଥିବା ଅଙ୍ଗନୱାଡି କେନ୍ଦ୍ର କାଗଜପତ୍ରରେ ଚାଲିଛି ବୋଲି ଅଭିଯୋଗ କରାଯାଇଥିଲା। ଗର୍ଭବତୀ ଓ ଶିଶୁମାନଙ୍କୁ ଛତୁଆ, ଅଣ୍ଡା ଠିକ୍ ଭାବେ ମିଳୁ ନାହିଁ। ଗାଁ କଲ୍ୟାଣ ପାଣ୍ଠିରୁ ମିଳୁଥିବା ଅର୍ଥରେ କୌଣସି କାର୍ଯ୍ୟ ନ ହୋଇ ମିଥ୍ୟା କାଗଜପତ୍ର ବଳରେ ରେକର୍ଡ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିଭଳି ୱାର୍ଡ ନଂ. ୪ରେ ଏକ ଗୋଚର ଜମିରେ ବେଆଇନ ଭାବେ ମିଶନ ଶକ୍ତି ଗୃହ ନିର୍ମାଣ ଚାଲିଥିବା ଧାରଣାରେ ବସିଥିବା ମହିଳାମାନେ ଅଭିଯୋଗ କରିଥିଲେ। ବିଡିଓ ମନୋଜ କୁମାର ବେହେରା ଧାରଣା ସ୍ଥଳରେ ପହଞ୍ଚି ଏହି ଦୁଇ ପ୍ରସଙ୍ଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ପ୍ରମିଳା ଯେନା, ବାସନ୍ତୀ ମହାରଣା, ନିରୂପମା ଯେନା, ରେବତୀ ନାୟକ, ଭାନୁମତି ଯେନା, ସରସ୍ୱତୀ ଯେନା, ସ୍ୱର୍ଣ୍ଣପ୍ରଭା ଯେନାଙ୍କ ସହ ବହୁ ଗ୍ରାମବାସୀ ଧାରଣାରେ ସାମିଲ ଥିଲେ।

## ହାତୀ ମୃତ୍ୟୁର ତଦନ୍ତ ଚାଲିଛି

**କେନ୍ଦୁଝର, ୧୧।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପିଢ଼ ରେଞ୍ଜ ଅନ୍ତର୍ଗତ ସାରୁକୁଦର ଗ୍ରାମ ନିକଟ ପାରାଭାଡି ଜଙ୍ଗଲରେ ଗତ ମଙ୍ଗଳବାର ଏକ ବୟସ୍କା ମାଈ ହାତୀର ମୃତ୍ୟୁ ହୋଇଥିଲା। ବୁଧବାର ଘଟଣାସ୍ଥଳରେ ଡିଏଫଓ ଅଜିତ ଶତପଥୀ, ଆରସିସିଏଫ ଅରୁଣ କୁମାର ମିଶ୍ର , ଭେଟେନାରୀ କଲେଜ, ଭୁବନେଶ୍ୱରର ପାଥଲୋଜି ଡାକ୍ତର ଆଦିତ୍ୟ ଆଚାର୍ଯ୍ୟ, ଆନିମଲ ଡିଜିଜ ରିସର୍ଚ୍ଚ ସଂସ୍ଥାନର ଯୁଗ୍ମ ନିର୍ଦ୍ଦେଶକ ଡ ପ୍ରଫୁଲ୍ଲ ଦାସ, ନନ୍ଦନ କାନନର ଡାକ୍ତର ସନ୍ତୋଷ ଗୁପ୍ତା, ଏଡିଭିଓ କେନ୍ଦୁଝର ଡ. ବିନୟ ଶତପଥୀ ସମେତ ଉପସ୍ଥିତ ରହି ମୃତ୍ୟୁର କାରଣ ସମୀକ୍ଷା କରୁଛନ୍ତି। ବ୍ୟବଚ୍ଛେଦ ପରେ କାରଣ ଜଣାପଡିବ ବୋଲି ସେମାନେ ସୂଚନା ଦେଇଛନ୍ତି।

## ପୁନରୁଦ୍ଧାର ପାଇଁ ସର୍ଭେ


ବାଙ୍ଗିରିବନ୍ଧ, ପୁଟିବନ୍ଧ ପୁନରୁଦ୍ଧାର ଲାଗି ସର୍ଭେ କରାଯାଉଛି।

**ସଜନାଗଡ଼,୧୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଆଇଟିଡିଏ ଅଧୀନରେ ଥିବା ତେଲିପାଳ ପଞ୍ଚାୟତର ବାଙ୍ଗିରିବନ୍ଧ ଓ ପୁଟିବନ୍ଧକୁ ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗକୁ ହସ୍ତାନ୍ତର ପାଇଁ ନଥିପତ୍ର ପ୍ରସ୍ତୁତ ହୋଇଥିବା ବେଳେ ୨ଟି ବନ୍ଧର ପୁନରୁଦ୍ଧାର ପାଇଁ ବୁଧବାର ସର୍ଭେ ଶେଷ ହୋଇଛି। ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁରେଶ କୁମାର ଶତପଥି, ଏସ୍‌ଡିଓ ଅରୁଣ କୁମାର ଦେ, ଜେଇ ରମେଶ ଦାସ ଉକ୍ତ ୨ଗୋଟି ବନ୍ଧକୁ ତଦାରଖ କରିଥିବା ବେଳେ ଖୁବଶୀଘ୍ର ପୁନଃ ଉଦ୍ଧାର ହେବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବହୁ ଚାଷୀ ଭାଇ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଯେଉଁ ସ୍ଥାନରେ ୪୦ ହେକ୍ଟରରୁ ଅଧିକ ଚାଷ ଜମି ଥିବା ଉକ୍ତ ପ୍ରକଳ୍ପ ଗୁଡ଼ିକୁ କ୍ଷୁଦ୍ରଜଳ ସେଚନ ବିଭାଗକୁ ହସ୍ତାନ୍ତର କରିବାର ନିୟମ ଥିବା ବେଳେ ୨ଟି ବନ୍ଧ ନୀଳଗିରି ଆଇଟିଡିଏ ଅଧୀନରେ ରହିପାରିବ ନାହିଁ। ସେହି ଦୃଷ୍ଟିରୁ ୨ଟି ଯାକ ପ୍ରକଳ୍ପ କ୍ଷୁଦ୍ର ଜଳସେଚନ ବିଭାଗକୁ ଆଇଟିଡିଏ ହସ୍ତାନ୍ତର କରିବ ବୋଲି ଜଣାପଡ଼ିଛି।

## ଜମି ବିବାଦରୁ ଅସଦାଚରଣ

**ବୈଶିଙ୍ଗା,୧୧।୮(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ କଇଁଥା ଗ୍ରାମର ଜଣେ ବ୍ୟକ୍ତି ଜମି ବିବାଦରୁ ତାଙ୍କ ବିଧବା ବଡ଼ ଭାଉଜଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା (ନଂ.୨୩୭/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ଅନ୍ୟପକ୍ଷେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାବାଳିକା ଝିଅଙ୍କୁ ଭାଉଜଙ୍କ ଖ୍ୱାଇଁ ଅସଦାଚରଣ କରିଥିବା ପାଲଟା ଅଭିଯୋଗ କ୍ରମେ ପୋଲିସ ଅନ୍ୟ ଏକ ମାମଲା(ନଂ.୨୩୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି।

## ସଭା ଗୃହ, ଅତିଥି ଭବନର ଭୂମିପୂଜା

**ବାରିପଦା ଅଫିସ, ୧୧।୮**

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପକଣ୍ଠ ବଣସାହିଠାରେ ହୋ ସମାଜ କଲଚରାଲ ଆସୋସିଏଶନ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଞ୍ଚଳର ଆଦିବାସୀଙ୍କ ଉନ୍ନତି ଓ ବିକାଶ ପାଇଁ ସରକାର ୧କୋଟି ୨୫ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ଏଥିରେ ନିର୍ମାଣ ହେବାକୁ ଥିବା ନୂତନ କାର୍ଯ୍ୟାଳୟ, ସଭାଗୃହ ଓ ଅତିଥିଭବନର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହୋ ସମାଜର ଜିଲା ସଭାପତି ମଟକା ବିରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ପର୍ଯ୍ୟବେକ୍ଷକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ଶିଳାନ୍ୟାସ କରିଥିଲେ। କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ବିଧାୟକ ରାଜକିଶୋର ଦାସ, ଜନ୍ମେଞ୍ଜୟ ଲେଙ୍କା, କାଶୀନାଥ ହେମ୍ବ୍ରମ, ଦେବାଶିଷ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ। ଆଇନଜୀବୀ ଗଣେଶ ଗାଗରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜୟ ପୂର୍ତ୍ତି ମଞ୍ଚ ପରିଚାଳନା କରିଥିଲେ।

## ମାକିଡିଆ ସରପଞ୍ଚ ନିଲମ୍ବିତ

**ଜଳେଶ୍ୱର, ୧୧।୮ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ମାକିଡିଆ ପଞ୍ଚାୟତର ସରପଞ୍ଚ ବଳରାମ ବର୍ଷାଳଙ୍କୁ ସରକାରୀ ଯୋଜନା ଲାଗି ମିଳିଥିବା ପ୍ରାୟ ୮୦,୭୪,୭୯୪ ଟଙ୍କା ଖର୍ଚ୍ଚ କରିପାରି ନ ଥିବାରୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ସରପଞ୍ଚ ୪ର୍ଥ ଏସ୍‌ଏଫ୍‌ସି ଓ ୧୪ତମ ସିଏଫ୍‌ସିର ଅର୍ଥ ଖର୍ଚ୍ଚ କରିପାରି ନାହାନ୍ତି। ଫଳରେ ପଞ୍ଚାୟତରେ ପିଇବାପାଣି, ସ୍ୱଚ୍ଛତା, ଆଲୋକୀକରଣ, ରାସ୍ତା ନିର୍ମାଣ, କୋଭିଡ-୧୯ର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅର୍ଥ ନ ଦେବା, ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ବଣ୍ଟନ ନ ହେବା, ଜିପିଡିପିରେ ଅର୍ଥ ବିନିଯୋଗ ହୋଇପାରି ନାହିଁ। ପଞ୍ଚାୟତ ଆଇନ ୧୯୬୪ ଧାରା ୧୯ ଅନୁଯାୟୀ ସରପଞ୍ଚ ବର୍ଷାଳଙ୍କୁ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିବା ଜିଲା ପଞ୍ଚାୟତ ଅଫିସ୍ ଚିଠି ନଂ. ୧୩୫୧ ତା ୧୦।୮।୨୧ରେ ଦର୍ଶାଯାଇଛି।

## କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା

**ବାସୁଦେବପୁର,୧୧।୮(ଡି.ଏନ.ଏ.)**

ସରକାରଙ୍କ ପକ୍ଷରୁ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ ଘୋଷଣା ପରିପ୍ରେକ୍ଷୀରେ ଭଦ୍ରକ ଜିଲା ବାସୁଦେବପୁର ନୀଳମଣି ଟାଉନହଲ୍ ପରିସରରେ ବୁଧବାର ଅପରାହ୍ନରେ ବିଜେଡି ପକ୍ଷରୁ ଏକ କୃତଜ୍ଞତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଏହି ଇନ୍‌ଡୋର ଷ୍ଟାଡିୟମ ସହାୟକ ହେବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲିକ, ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ, ଜୟନ୍ତୀ ବାରିକ, କ୍ରୀଡ଼ାବିତ୍ ବଂଶୀଧର ବେହେରା, ସେକ୍ ସାମ୍‌ସୁଲ, ଖଗେଶ୍ୱର ଜେନା, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ପ୍ରତିନିଧି ଅସିତ ଦାସ ସଂଯୋଜନା କରିଥିଲେ। ଏଠାରେ ୧୦.୨୫ କୋଟି ଟଙ୍କା ବ୍ୟୟରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ହେବାକୁ ଥିବା ବିଧାୟକ ସୂଚନା ଦେଇଥିଲେ।



ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଅତିଥି।

## ସ୍ୱତନ୍ତ୍ର କୋଭିଡ୍ ଟିକାକରଣ

**ଭଦ୍ରକ ଅଫିସ, ୧୧।୮**

ଭଦ୍ରକ ପୌରାଞ୍ଚଳ ଜନ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସରରେ ବୁଧବାର ସ୍ୱତନ୍ତ୍ର ଟିକାକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭାଗ ଅଧୀନରେ କାର୍ଯ୍ୟରତ ଭଦ୍ରକ, ବାସୁଦେବପୁର, ଚାନ୍ଦବାଲି ଓ ଧାମନଗରର ସମସ୍ତ କର୍ମଚାରୀଙ୍କୁ କୋଭିଡ୍ ଟିକାକରଣ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡା. ଶୁଭାଶିଷ ମହାରଣା ଓ ସୁରଜିତ ମିଶ୍ରଙ୍କ ତତ୍ତ୍ୱାବଧାନରେ ତପନ ବାରିକ, ସୁଚିସ୍ମିତା ମିଶ୍ରଙ୍କ ପରିଚାଳନାରେ ଟିକାକରଣ କରାଯାଇଥିଲା। ମୋଟ ୭୮ କର୍ମଚାରୀଙ୍କୁ ଟିକା ଦିଆଯାଇଛି। ସୂଚନା ଥାଉକି, ଏହି କର୍ମଚାରୀମାନେ କୋଭିଡ୍ ଯୋଦ୍ଧା ଭାବେ ପୂର୍ବରୁ ଘୋଷିତ ହୋଇଥିଲେ। ସରକାରଙ୍କ ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଟିକା ପ୍ରଦାନ କରାଯାଇଥିବାରୁ ଜନସ୍ୱାସ୍ଥ୍ୟ କର୍ମଚାରୀ ସଂଘ ଭଦ୍ରକ ଶାଖା ପକ୍ଷରୁ ସମ୍ପାଦକ ସନ୍ତୋଷ ପଣ୍ଡା, ଉପଖଣ୍ଡ ସମ୍ପାଦକ ମନୋଜ ରାଉତ, ସହସମ୍ପାଦକ ଶୁକଦେବ ଦାସ ପ୍ରମୁଖ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଭଙ୍ଗା ଘରେ ଚାଲିଛି ରୋଷେଇ


ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ।

**ଚମ୍ପୁଆ, ୧୧।୮(ଡି.ଏନ.ଏ.)**

ବିଦ୍ୟାଳୟର ପରିବେଶ, ଶିକ୍ଷା ଓ ମଧ୍ୟାହ୍ନ ଭୋଜନରେ ଉନ୍ନତି ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ପ୍ରସ୍ତୁତ କରାଯାଉଥିବା ସ୍ୱାସ୍ଥ୍ୟକର ମଧ୍ୟାହ୍ନ ଭୋଜନ ନିମନ୍ତେ ରୋଷେଇ ଶାଳର ଉନ୍ନତି ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି। ମାତ୍ର ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହାର ବିପରୀତ ଅବସ୍ଥା ଦେଖିବାକୁ ମିଳିଛି। ୧୫୬ ଶିକ୍ଷାର୍ଥୀ ଅଧ୍ୟୟନ କରୁଥିବା ଏହି ବିଦ୍ୟାଳୟରେ ରୋଷେଇ ଘରର ଅବସ୍ଥା ଦିନକୁ ଦିନ ମାଟିରେ ମିଶିବାକୁ ବସିଲାଣି। ବର୍ଷାରେ ଏହାର ଛପର ଭୁଶୁଡିଥିବା ବେଳେ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମାତ୍ର ପ୍ରଧାନ ଶିକ୍ଷକ ରଞ୍ଜିତ ପ୍ରଧାନ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି।

ସୂଚନା ଅନୁସାରେ ପୂର୍ବରୁ ଥିବା ଛାତଘରଟି ରୋଷେଇ ପାଇଁ ଅନୁପଯୁକ୍ତ ହେବାରୁ ଘରକୁ ଲାଗି ରହିଥିବା ଏକ ଟାଇଲ ଛପର ଘରେ ଦୀର୍ଘ ଦିନ ହେବ ରୋଷେଇ କାର୍ଯ୍ୟ କରାଯାଉଥିଲା। ଚଳିତ ବର୍ଷ ଉକ୍ତ ଟାଇଲ ଘରଟି ଭୁଶୁଡିପଡିଥିବା ବେଳେ ଏହା ରୋଷେଇ ପାଇଁ ଅନୁପଯୁକ୍ତ ହୋଇପଡିଛି।

### ବଢିଲାଣି ଅଭିଭାବକଙ୍କ ଚିନ୍ତା

କରୋନା ମହାମାରୀ ପରେ ବିଦ୍ୟାଳୟ ଖୋଲିଲେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ କିପରି ରୋଷେଇ କରାଯିବ ତାହା ଏବେ ବିଦ୍ୟାଳୟ ପରିଚାଳନା କମିଟି ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଚିନ୍ତାର ବିଷୟ ପାଲଟିଛି। ୨୦୧୨-୧୩ ମସିହାରେ ୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ଅଟକଳରେ ରୋଷେଇ ଘର ନିର୍ମାଣ ହେବାକୁ ରହିଥିବା ବେଳେ କାହିଁକି ତାହା ନିର୍ମାଣ ହୋଇପାରିନାହିଁ ତାହା ଏବେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାୟକ କହିଛନ୍ତି, ଏହାର ତଦନ୍ତ କରିବା ସହିତ ବିଦ୍ୟାଳୟ ଖୋଲିବା ପୂର୍ବରୁ ଏହାର ବ୍ୟବସ୍ଥା କରାଯିବ।

ଧରିତ୍ରୀ
DHARITRI
ଗୁରୁବାର, ୧୨ ଅଗଷ୍ଟ ୨୦୨୧

## ୨ ଚୋରା ମଦ ବେପାରୀ ଗିରଫ

ସୋର,(ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ସରଳିଆ ଜଙ୍ଗଲ ଭିତରେ ବେଆଇନ ମଦରନ୍ଧା ଭାଟି ଉପରେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ୬ ହଜାର ଲିଟର ଗୁଡ଼ ପୋଚ ଜବତ କରି ନଷ୍ଟ କରାଯିବା ସହିତ ୩୭୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ସରସ୍ୱତୀପୁର ଗ୍ରାମର ସୁନୀଲ ପଣ୍ଡା ଓ ପାଖର ଗ୍ରାମର ଶାନ୍ତିଲତା ପ୍ରଧାନଙ୍କ ନିକଟରୁ ୧୦ ଲିଟର ଲେଖାଲ ଜିଞ୍ଜର ଜବତ କରି ଉଭୟଙ୍କୁ ଗିରଫ କରାଯାଇଛି।



## ସଂକ୍ଷେପରେ

### ହାତୀ ଉପଦ୍ରବ ଜାରି

ପାଟଣା,୧୧।୮(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ ମାଛଗଡ଼ ସାଉଥ ବିଟ ଅଞ୍ଚଳର ୨୬ ଟିକିଆ ହାତୀପଲ ୨ଗୋଷ୍ଠୀ ରେ ବିଭକ୍ତ ହୋଇ ପୁରୁଣା ପାଣି ସଂରକ୍ଷିତ ଜଙ୍ଗଲ ଓ ଗୋହିରା ଗ୍ରାମ୍ୟ ଜଙ୍ଗଲରେ ଡେରା ପକାଇଛନ୍ତି। ୪ ଦିନ ହେବ ୨୬ ଟିକିଆ ଝାଡ଼ଖଣ୍ଡି ହାତୀପଲଙ୍କ ଉପଦ୍ରବ ସହ ହାତୀପଲଙ୍କ କୌତୁକିଆ ଜଳକ୍ରୀଡା ଦେଖିବାକୁ ନଦୀ କୂଳରେ ଭିଡ଼ ଲାଗି ରହୁଛି। ହାତୀପଲ ଦିନ ବେଳା କରଞ୍ଜିଆ ରେଞ୍ଜ୍‌କୁ ପଳାଉ ଥିବା ବେଳେ ରାତି ହେଲେ ପାଟଣା ରେଞ୍ଜ ଅଞ୍ଚଳ କୁ ପ୍ରବେଶ କରି ବ୍ୟାପକ ଧାନ, ମକା ,ବୋଇତାଳୁ ବଗିଚା ଓ ପନିପରିବା ଫସଲ ମାଡିଦଳି ନଷ୍ଟ କରୁଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ହାତୀପଲ ୬ଜଣ ଙ୍କ ଘର ଭାଙ୍ଗି ଦେଇଛନ୍ତି। କ୍ଷତିଗ୍ରସ୍ତଙ୍କୁ ଘର ଭଙ୍ଗା ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ନୂତନ ଗୃହ ଉଦ୍‌ଘାଟନ କଲେ ପୂର୍ବାଞ୍ଚଳ ଆଇଜି



ବାରିପଦା ଅଫିସ/ ଠାକୁରମୁଣ୍ଡା,୧୧।୮(ଡି.ଏନ.ଏ.)- ମୟୂରଭଞ୍ଜ ଜିଲାର ବିଭିନ୍ନ ଥାନାରେ ହାଉସିଂ ବୋର୍ଡ ପକ୍ଷରୁ ନିର୍ମାଣ ହୋଇଥିବା ନୂତନ ଗୃହକୁ ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବାରିପଦା ଟାଉନ ଥାନା ଅଧୀନ ଲକ୍ଷ୍ମୀପୋଷିରେ ଥିବା ଆଉଟପୋଷ୍ଟର ନୂତନ ଗୃହ, ଶରତ ଥାନାରେ ମହିଳା ଓ ଶିଶୁ ଡେସ୍କ ଏବଂ ମହୁଲଡ଼ିହା ଥାନାରେ ୩୦କର୍ମଚାରୀଙ୍କ ପାଇଁ ଏକ ବାରାକ୍ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଏସ୍‌ପି କେ.ଏନ୍. ଦ୍ୟାନଦେଓ, ବାରିପଦା ସଦର ଏସ୍‌ଡିପିଓ କେ.କେ.ହରିପ୍ରସାଦ ଓ ଉଦଳା ଏସ୍‌ଡିପିଓ କେଦାର ନାଥ ସାହୁଙ୍କ ସମେତ ଉପଖଣ୍ଡ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ପ୍ରାଣୀ ଚିକିତ୍ସକଙ୍କୁ ଅନ୍ତର୍ଜାତୀୟ ସମ୍ମାନ

ବନ୍ତ,୧୧।୮ (ଡି.ଏନ.ଏ./ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ମହୁଲଗଡିଆ ଗ୍ରାମର ତଥା ତିହିଡ଼ି ବ୍ଲକର ପ୍ରାଣୀ ଚିକିତ୍ସାଧିକାରୀ ଡା. ନିରାକର ଜେନାଙ୍କୁ ନାଇଜେରିଆସ୍ଥିତ ୱାର୍ଲ୍ଡ ଜିନିୟସ୍ ରେକର୍ଡ ପକ୍ଷରୁ ଅନ୍ତର୍ଜାତୀୟ ସମ୍ମାନ ମିଳିଛି। ଦୀର୍ଘ ୧୬ ବର୍ଷ ଧରି ସେ ବିଭିନ୍ନ ସ୍ଥାନରେ ପ୍ରାଣୀ ଚିକିତ୍ସକ ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଆସିଛନ୍ତି। କରୋନା ସମୟରେ ପ୍ରାଣୀ ପାଳନ ଦ୍ୱାରା ପରିବାର ପ୍ରତିପୋଷଣ କରୁଥିବା ସମଗ୍ର ବିଶ୍ୱର ଚାଷୀକୂଳକୁ ସହାୟତା କରିବାକୁ ଆଗେଇ ଆସିଥିଲେ। ସେ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ,



ହ୍ୱାଟସ୍‌ଆପ୍ ଗ୍ରୁପ୍, ଭିଡିଓ କଲ୍ ମାଧ୍ୟମରେ ପ୍ରାଣୀପକ୍ଷୀ ଚିକିତ୍ସା ଓ ପରିପାଳନ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ, ଜ୍ଞାନକୌଶଳ ତଥା ରୋଗ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅଭିନବ ପ୍ରୟାସ କରିଥିଲେ। ଏଥିପାଇଁ ସେ ରାଜ୍ୟ, ଦେଶ ତଥା ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ନାଇଜେରିଆର ଉକ୍ତ ସଂସ୍ଥା ପକ୍ଷରୁ ତାଙ୍କୁ ଗୋଲ୍ଡ ମେଡାଲ, ସାର୍ଟିଫିକେଟ ଅଫ୍ ଅନର, ବ୍ରୋଞ୍ଜ ଟ୍ରଫି, ପରିଚୟ ପତ୍ର, ବୁକ୍ ଅଫ୍ ରେକର୍ଡ ସହ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଛି।

### ଧାରଣାରତ ଚାଷୀ ଅସୁସ୍ଥ

ପଦ୍ମପୁର, ୧୧।୮ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ସେବା ସମିତି ଅଧୀନରେ ସ୍ୱୟଂସହାୟକ ଗୋଷ୍ଠୀର ଧାନକିଣାକୁ ବିରୋଧ କରି ଅନଶନରେ ବସିଥିବା ଜଣେ ଚାଷୀ ବୁଧବାର ଅସୁସ୍ଥ ହୋଇପଡ଼ିଛନ୍ତି। ସେ ହେଲେ ଖାଣ୍ଟଖୁଆଡ଼ ଗ୍ରାମର ରତ୍ନାକର ବେହେରା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଅପରାହ୍ନରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଅପରପକ୍ଷେ ସମିତି ଆଗରେ ଚାଷୀମାନେ ଦୁଇଦିନ ଧରି ଧାରଣାରେ ବସିଥିଲେ ମଧ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

## ବିଶ୍ୱ ହସ୍ତୀ ଦିବସ

# ୨୨ବର୍ଷରେ ୧୨୧ ମୃତ

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୧୧।୮**

କେନ୍ଦୁଝର ଜିଲାରେ ହାତୀ ମଣିଷ ଲଢ଼େଇ ଲାଗି ରହିଛି। କେତେବେଳେ ନିରୀହ ମଣିଷଙ୍କ ଜୀବନ ଯାଉଛି ତ କେତେବେଳେ ମଣିଷଙ୍କ ଆକ୍ରୋଶରୁ ଟଳି ପଡୁଛନ୍ତି ହାତୀ। ୨୨ ବର୍ଷ ମଧ୍ୟରେ ଜିଲାରେ ୧୨୧ ହାତୀଙ୍କ ମୃତ୍ୟୁ ହୋଇଥିବାରୁ ସେମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ତେବେ ଗତ ୨୦ ଦିନରେ ୪ଟି ମାଈ ହାତୀଙ୍କ ଅସ୍ୱାଭାବିକ ମୃତ୍ୟୁ ବନ ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି । ମୃତ୍ୟୁର କାରଣ ଜଣାପଡ଼ି ନ ଥିବା ବେଳେ ବନ୍ୟପ୍ରାଣୀ ସ୍ୱାସ୍ଥ୍ୟକେନ୍ଦ୍ର (ଭେଟେରିନାରୀ କଲେଜ), ପଶୁ ରୋଗ ରିସର୍ଚ୍ଚ ସଂସ୍ଥାନ ତଥା ନନ୍ଦନକାନନର ପ୍ରାଣୀ ଚିକିତ୍ସକ ଓ ଗବେଷକମାନେ ଗସ୍ତ କରି କାରଣ ଖୋଜୁଛନ୍ତି। ପୂର୍ବରୁ ମରିଥିବା ହାତୀଙ୍କ ବ୍ୟବଚ୍ଛେଦ ପରେ ଅବଶେଷକୁ ପରୀକ୍ଷା ପାଇଁ ପଠାଯାଇଥିଲା। ମାତ୍ର ଅଦ୍ୟାବଧି ରିପୋର୍ଟ ଆସିନାହିଁ। ଫଳରେ ହାତୀ ମୃତ୍ୟୁର କାରଣ ଜଣାପଡୁନାହିଁ ।

ପ୍ରକାଶ ଯେ, ଗୋଟିଏ ବର୍ଷ (୨୦୧୬-୧୭) ଛାଡି ଦେଲେ ପ୍ରତ୍ୟେକ ବର୍ଷ କେନ୍ଦୁଝର ବନଖଣ୍ଡରେ ହାତୀ ମୃତ୍ୟୁ ଘଟୁଛି। ୨୦୦୧-୦୨ରୁ ଅଦ୍ୟାବଧି (୨୦୨୧-୨୨) ଅଗଷ୍ଟ ୧୧ ସୁଦ୍ଧା କେନ୍ଦୁଝର ବନ ଖଣ୍ଡରେ ସମୁଦାୟ ୧୨୧ ହାତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଫଳରେ ହାତୀମାନଙ୍କ ସୁରକ୍ଷାକୁ ନେଇ ବନ୍ୟପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ବନ ବିଭାଗ ତଥ୍ୟରୁ ଜଣାପଡ଼ିଛି, ୨୦୦୧-୦୨ ରେ ୮, ୨୦୦୨-୦୩ ରେ ୧୨, ୨୦୦୩-୦୪ରେ ୪, ୨୦୦୪-୦୫ ରେ ୧୨, ୨୦୦୫-୦୬ ରେ ୩, ୨୦୦୬-୦୭ ରେ ୬, ୨୦୦୭-୦୮ ରେ ୬, ୨୦୦୮-୦୯ ରେ ୮, ୨୦୦୯-୧୦ ରେ ୪, ୨୦୧୦-୧୧ରେ ୯, ୨୦୧୧-୧୨ ରେ ୪, ୨୦୧୨-୧୩ ରେ ୯, ୨୦୧୩-୧୪ ରେ ୪, ୨୦୧୪-୧୫ ରେ ୪, ୨୦୧୫-୧୬ ରେ ୬, ୨୦୧୭-୧୮ରେ ୨, ୨୦୧୮-୧୯ରେ ୩, ୨୦୧୯-୨୦ରେ ୬, ୨୦୨୦-୨୧ରେ ୭ ଓ ୨୦୨୧-୨୨ (ଅଗଷ୍ଟ ୧୧ ସୁଦ୍ଧା) ୪ ହାତୀଙ୍କ ମୃତ୍ୟୁ ହୋଇଛି। ୨୦୧୬-୧୭ ପରେ ଗତ ୫ ବର୍ଷ ମଧ୍ୟରେ ମୃତ୍ୟୁ ସଂଖ୍ୟା ବଢ଼ି ବଢ଼ି ଚାଲିଥିବାରୁ ହାତୀପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।



ଖଣିଖାଦାନ, ଶିଳ୍ପ, ଜଙ୍ଗଲ ମଧ୍ୟରେ ରାସ୍ତାଘାଟ ନିର୍ମାଣ, କାଠ ମାଫିଆଙ୍କ ପ୍ରାଦୁର୍ଭାବ, ଜଙ୍ଗଲାଞ୍ଚଳ ଜବରଦଖଲ ଆଦି କାରଣରୁ ବ୍ୟାପକ ଜଙ୍ଗଲ ନଷ୍ଟ ହେବା ସହ ହାତୀମାନଙ୍କ ଆଶ୍ରୟସ୍ଥଳ, ଚଲାପଥ ଓ କରିଡର ସବୁ ନଷ୍ଟ ହୋଇଯାଇଛି। ଫଳରେ ହାତୀମାନେ ପଥ ଭ୍ରଷ୍ଟ ହୋଇ ଏଣେତେଣେ ଘୂରି ବୁଲୁଛନ୍ତି। ଖାଦ୍ୟାଭାବ ଦେଖାଦେଉଥିବାରୁ ଜନବସତିମୁହାଁ ହୋଇ ଫସଲ ହାନି ଘଟାଉଛନ୍ତି । ଫଳରେ ମଣିଷ ଓ ହାତୀ ମଧ୍ୟରେ ତିକ୍ତତା ବଢୁଛି । ଦାନ୍ତ ମାଫିଆମାନେ ହାତୀମାନଙ୍କୁ ବିଦ୍ୟୁତ୍ ଆଘାତ ଦେଇ ବା ଗୁଳି କରି ମାରି ଦେଉଥିବା ଅଭିଯୋଗ ହେଉଛି । ଅନେକ ସମୟରେ ପଥ ଭ୍ରଷ୍ଟ ହାତୀମାନେ ରାସ୍ତା ବା ରେଳ ଲାଇନ ପାର ହେବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତାହତ ହେଉଛନ୍ତି।

### ମୃତ୍ୟୁର କାରଣ ଖୋଜୁଛି ବିଭାଗ

ଏନେଇ କେନ୍ଦୁଝର ଡିଏଫ୍‌ଓ ଅଜିତ ଶତପଥୀ କହିଛନ୍ତି, ହାତୀମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ ସହ ଲୋକଙ୍କୁ ସଚେତନ କରାଯାଉଛି। ଜନବସତି ଅଞ୍ଚଳରୁ ସେମାନଙ୍କୁ ଘଉଡ଼ାଇବା ପାଇଁ ବ୍ୟବସ୍ଥା କରାଯାଉଛି। ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ଏଥିପାଇଁ ସ୍କ୍ୱାଡ୍ ଗଠନ କରାଯିବା ସହ ବନ ବିଭାଗ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ଆକ୍ରମଣକାରୀ ବା ଶିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ଅନିୟମିତତା ନେଇ ଧାରଣା

**ବାଲିଆପାଳ,୧୧।୮(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ବାଲିଆପାଳ ପଞ୍ଚାୟତର ବିଭିନ୍ନ ଅନିୟମିତତାକୁ ନେଇ ପାଞ୍ଚ ଦଫା ଦାବି ନେଇ ବୁଧବାର ପୂର୍ବାହ୍ନରେ ବିଭିନ୍ନ ଗ୍ରାମର ଗ୍ରାମବାସୀ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ। ରଘୁନାଥ ଜେନାଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ବାଲିଆପାଳ ପଞ୍ଚାୟତରେ ବିଭିନ୍ନ ଅନିୟମିତତା ସହିତ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବାଦ୍ ପଡ଼ିଥିବା, ହରିଜନ ଆଦିବାସୀ ସାହିକୁ ପାନୀୟ ଜଳ ଯୋଗାଣ, ବିଧବା ମହିଳ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଏବଂ ଭତ୍ତା କାର୍ଯ୍ୟର କାର୍ଯ୍ୟରତ ଅଫିସର ଲାଞ୍ଚ ନେଇ ଭତ୍ତା କରାଇବା ଇତ୍ୟାଦିକୁ ବିରୋଧ କରି ବାଲିଆପାଳ, କୁଦମାନସିଂ, କଟୁଆପଡ଼ା, ଗୁନାପୁର ପ୍ରଭୃତି ଗ୍ରାମରୁ ଶତାଧିକ ମହିଳା ପୁରୁଷ ଗତ ମାସ ୨୬ ତାରିଖରେ ବାଲିଆପାଳ ବିଡିଓ ଲଳିତ ସରେଙ୍ଗ୍‌କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ସମସ୍ୟାଗୁଡ଼ିକୁ ନେଇ ଚଳିତ ମାସ ୧୦ ତାରିଖ ସୁଦ୍ଧା ସମାଧାନ କରା ନ ଗଲେ ୧୧ ତାରିଖରୁ ଧାରଣାରେ ବସିବାର ଚେତାବନୀ ଦେଇଥିଲେ। ଦୀର୍ଘ ସମୟ ଧାରଣାରେ ବସିବା ପରେ ବାଲିଆପାଳ ବିଡ଼ିଓ ସରେଙ୍ଗ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଆବାସ ଦୁର୍ନୀତି ପ୍ରତିବାଦରେ ଗଣଅନଶନ

**ଭଣ୍ଡାରିପୋଖରୀ, ୧୧।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ପ୍ରତିବାଦରେ ଭାଜପା ପକ୍ଷରୁ ବୁଧବାର ବ୍ଲକ କାର୍ଯ୍ୟାଳୟଠାରେ ଗଣଅନଶନ କରାଯାଇଥିଲା। କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଅନଶନ ସ୍ଥାନରେ ପହଞ୍ଚିଥିଲେ। ସେଠାରେ ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ମହାପାତ୍ରଙ୍କ ସଞ୍ଚାଳନାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭାଜପା ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳ, ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଉପସଭାନେତ୍ରୀ ପଙ୍କଜିନୀ ଲେଙ୍କା, ମୁକୁନ୍ଦ ମଲିକ, ସୁରେଶ ସାମଲ, ନିର୍ମଳ କର, ବ୍ଲକ ଉପାଧକ୍ଷ ସତ୍ୟବ୍ରତ ଦାସ, ସରପଞ୍ଚ କମଳ ନନ୍ଦ, ଗିରିଶ ସାମଲ, ଅଜୟ ରାଉତ ପ୍ରମୁଖ ଦୁର୍ନୀତି ବିରୋଧରେ କହିଥିଲେ। ଅପରାହ୍ନରେ ବିଡିଓ ଦେବଦତ୍ତ ଦାଶ ଓ ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦେବେନ୍ଦ୍ର ପାଣ୍ଡବ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ସ୍ମାରକପତ୍ର ଏବଂ ଦଳ ତରଫରୁ ସଂଗୃହୀତ ଅନେକ ହିତାଧିକାରୀଙ୍କ ଆବାସ ଯୋଜନା ଆବେଦନପତ୍ର ସେମାନେ ଗ୍ରହଣ କରି ଏ ଦିଗରେ ଆବଶ୍ୟକ ଦୃଷ୍ଟି ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା।

## ୧୦ ମାସ ବିତିଲା, ମିଳିନି ଘରପୋଡ଼ି ସହାୟତା
## ଉପଜିଲାପାଳଙ୍କ ଦ୍ୱାରସ୍ଥ ବିପନ୍ନ ପରିବାର

**ଆନନ୍ଦପୁର,୧୧।୮(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣି ଗ୍ରାମର ଗୋଟିଏ ପରିବାର ଘରପୋଡିରେ ପ୍ରଭାବିତ ହୋଇଥିବାବେଳେ ସହାୟତା ମିଳି ନ ଥିବାରୁ ବୁଧବାର ପରିବାର ସହାୟତା ପାଇଁ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ରାମର ପଦ୍ମନାଭ ଓଝାଙ୍କ ସ୍ତ୍ରୀ ସୁକାନ୍ତି, କମଳ ଓଝାଙ୍କ ସ୍ତ୍ରୀ ସସ୍ମୀତା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୦ ମସିହା ସେପ୍ଟେମ୍ବର ୨୨ରେ କୌଣସି କାରଣରୁ ପରିବାରର ଘର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଥିଲା। ସ୍ଥାନୀୟ ଆରଆଇ ଓ ଅଗ୍ନିଶମ ବିଭାଗର ରିପୋର୍ଟ ଆଧାରରେ ସହାୟତା ମଞ୍ଜୁର ହୋଇଥିବା ପରିବାରବର୍ଗ କହିଛନ୍ତି। ହେଲେ ଦୀର୍ଘ ୧୦ ମାସ ବିତିଯାଇଥିଲେ ବି ସମ୍ପୃକ୍ତ ଘରପୋଡିରେ ପ୍ରଭାବିତ ପରିବାରବର୍ଗଙ୍କୁ ସହାୟତା ମିଳି ନାହିଁ। ବାରମ୍ବାର ଆରଆଇ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି କୌଣସି ସୁଫଳ ମିଳୁ ନ ଥିବା ପରିବାରବର୍ଗ କରିଛନ୍ତି।

## ପୁଅ ମୃତଦେହ ଧରି ୨ କି.ମି. ଚାଲିଲେ

**ଜଳେଶ୍ୱର, ୧୧।୮(ଡି.ଏନ.ଏ)**

ରାସ୍ତା ଅବସ୍ଥା ଭଲ ନ ଥିବାରୁ ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ। ଫଳରେ ପୁଅର ମୃତଦେହ ନିଜେ ବୋହି ନେଲେ ବାପା। ଏଭଳି ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ନେଠୁଆ ପଞ୍ଚାୟତ ବାଉଁଶବଣି ଗାଁରେ। ସୂଚନା ଅନୁଯାୟୀ, ଗ୍ରାମର ଚାଷୀ ଚନ୍ଦନ କୁମାର ଦାସଙ୍କ ୮ ବର୍ଷର ପୁଅ ପ୍ରାଣକୃଷ୍ଣ ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଏକ ଅଜଣା ରୋଗରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରୁ ରାତିରେ ମୃତଦେହ ଧରି ଗାଁକୁ ଆସୁଥିବା ଆମ୍ବୁଲାନ୍ସ ରାସ୍ତାର ଦୁରାବସ୍ଥା ଯୋଗୁ କମାରଶାଳିଆ ନିକଟରେ ଅଟକି ଯାଇଥିଲା। ଏଣୁ ଚନ୍ଦନ ପୁଅ ମୃତଦେହକୁ ଧରି ୨ କି.ମି. ରାସ୍ତା ଚାଲି ଚାଲି ରାତିରେ ଘରକୁ ନେଇଯାଇଥିଲେ। ଏହା ଦେଖି ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, କମାରଶାଳିଆ ଗାଁଠାରୁ ବାଉଁଶବଣି ଯାଏ ଯାଇଥିବା

### ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ



୨ କି.ମି. ରାସ୍ତା ଅବସ୍ଥା ଶୋଚନୀୟ। ସାମାନ୍ୟ ବର୍ଷାରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍। କିଛିଦିନ ତଳେ ଉକ୍ତ ଗାଁକୁ ଗାଡ଼ି ଯାଇ ନ ପାରିବାରୁ ଦମକଳ ବାହିନୀଙ୍କୁ ଚାଲି ଚାଲି ଯିବାକୁ ପଡ଼ିଥିଲା।

# ପ୍ରଥମ ଦିନରେ ଆଖଣ୍ଡଳମଣି ପୀଠ ପରିଦର୍ଶନ



ଜିଲାପାଳ ତ୍ରିଲୋଚନ ମାଝି ସେବାୟତମାନଙ୍କ ସହ ଆଲୋଚନା କରୁଛନ୍ତି।

**ଆରଡ଼ି, ୧୧।୮(ଡି.ଏନ.ଏ.)**

ଭଦ୍ରକର ନୂତନ ଜିଲାପାଳ ତ୍ରିଲୋଚନ ମାଝି ଦାୟିତ୍ୱ ନେବା ପରେ ପ୍ରଥମ ଦିନରେ ବୁଧବାର ଆରଡ଼ିର ଆଖଣ୍ଡଳମଣି ପୀଠ ପରିଦର୍ଶନ କରିଥିଲେ। ସେ ସନ୍ଧ୍ୟାରେ ପୀଠକୁ ଆସି ମନ୍ଦିର ବେଢ଼ା ସମ୍ପ୍ରସାରଣ କାର୍ଯ୍ୟ ବୁଲି ଦେଖିଥିଲେ। ପରେ ସେ ସେବାୟତମାନଙ୍କୁ ମନ୍ଦିର ନୀତିକାନ୍ତି ସମ୍ପର୍କରେ ପଚାରି ବୁଝିଥିଲେ। ପରିଦର୍ଶନ ବେଳେ ଜିଲାପାଳଙ୍କ ସହ ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଜିଲାପାଳ ମଧୁସୂଦନ ଦାସ, ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୂତାର, ବିଡିଓ ଜ୍ୟୋତି ବିକାଶ ଦାଶ ପ୍ରମୁଖ ପୀଠରେ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ମନ୍ଦିର ଖୋଲାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜିଲାପାଳ ମାଝି ସେବାୟତମାନଙ୍କୁ କହିଥିଲେ। ଆରଡ଼ି ସରପଞ୍ଚ ଅରବିନ୍ଦ ପାଢ଼ୀ, ଆଶିଷ ପାଢ଼ୀ, ମନୋରଞ୍ଜନ ପାଢୀ, ବାବାଜୀ ଶଙ୍କର ପାଢୀ ପ୍ରମୁଖ ସେବାୟତ ନୂତନ ଜିଲାପାଳଙ୍କୁ ସ୍ୱାଗତ କରିଥିଲେ।

## ଦାୟିତ୍ୱ ନେଲେ ଜିଲାପାଳ ତ୍ରିଲୋଚନ ମାଝି

ଭଦ୍ରକ ଅଫିସ, ୧୧।୮-ଭଦ୍ରକର ନୂତନ ଜିଲାପାଳ ତ୍ରିଲୋଚନ ମାଝି ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କଠାରୁ ବିଧିବଦ୍ଧ ଭାବେ ଦାୟିତ୍ୱ ନେବା ପରେ ଅତିରିକ୍ତ ଜିଲାପାଳ ମଧୁସୂଦନ ଦାସ ଓ ଅରୁଣ ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲାପାଳ ପୀତାମ୍ବର ସାମଲଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ସ୍ୱାଗତ କରିଥିଲେ। ଲୋକଙ୍କ ସମସ୍ୟାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ଜିଲାପାଳ ମାଝି ପ୍ରଥମ କାର୍ଯ୍ୟ ଦିବସରେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

# ଭଦ୍ରକରେ ଖୁବ୍‌ଶୀଘ୍ର ଡିଜିଟାଲ ନମ୍ବରିଂ ସର୍ଭେ

**ଭଦ୍ରକ ଅଫିସ,୧୧।୮**

ଭଦ୍ରକ ପୌରାଞ୍ଚଳରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ଡିଜିଟାଲ ନମ୍ବରିଂ ସର୍ଭେ। ଯେଉଁଥିରେ ଡୋର୍ ଟୁ ଡୋର ନମ୍ବରିଂ କରାଯିବ। ଏକ ୟୁନିକ୍ ନମ୍ବର ମାଧ୍ୟମରେ ପୌରାଞ୍ଚଳର ସବୁ ତଥ୍ୟ ରହିବ। ଏହି ସର୍ଭେ କାମ ଜିଆଇଏସ୍ କୋନସୋରଟିୟମ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ନାମକ ଘରୋଇ କମ୍ପାନୀ କରିବ। ଏ ନେଇ ପୌରପାଳିକା ସମ୍ମିଳନୀ କକ୍ଷରେ ପ୍ରାୟ ୧୦ଜଣ ସର୍ବେକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଛି। ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସର୍ଭେରେ ପୌରପାଳିକା ଅଧୀନରେ ଥିବା ପ୍ରତ୍ୟେକ ଘର ସହ ରାସ୍ତା, ଡ୍ରେନ୍, ଫାଙ୍କା ପଡ଼ିଥିବା ଜମି ଆଦିକୁ ୟୁନିକ୍ ନମ୍ବରିଂ କରାଯିବ। ତେବେ ଗୋଟିଏ ୟୁନିକ୍ ନମ୍ବର ଦ୍ୱାରା ସହରବାସୀ ମଧ ବହୁ ସୁବିଧା ପାଇବେ। ସହରବାସୀ ନିଜର ସମସ୍ୟା ସମ୍ପର୍କରେ ଅନ୍‌ଲାଇନ ମାଧ୍ୟମରେ ପୌରପାଳିକାକୁ ଜଣାଇଲେ ସେହି ୟୁନିକ୍ ନମ୍ବର ମାଧ୍ୟମରେ ଖୁବ୍ ସହଜରେ ସମାଧାନ ହେବା ସହ ସମସ୍ତ ତଥ୍ୟ ଶୀଘ୍ର ଜାଣିହେବ। ୧୪ ନମ୍ବର ବିଶିଷ୍ଟ ଏକ ୟୁନିକ୍ ନମ୍ବର ରହିବ। ଏହି ସର୍ଭେ ୩ ମାସ ଧରି ଚାଲିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମିଳିଛି।

# ଜବରଦଖଲରେ ସରକାରୀ ଜମି

### ନିର୍ମାଣ ହୋଇପାରୁନି ରାସ୍ତା

**ଖଇରା, ୧୧।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମାର୍କୋଣା-ଗଣ୍ଡିବେଡ ପୂର୍ତ୍ତ ବିଭାଗ ରାସ୍ତାରୁ ମାଟିଆଳପଦା ଗ୍ରାମରାସ୍ତାକୁ କେତେଜଣ ବ୍ୟକ୍ତି ଜବରଦଖଲ କରି ଘର ନିର୍ମାଣ କରିଥିବାରୁ ରାସ୍ତା ନିର୍ମାଣରେ ଏହା ବାଧକ ସାଜିଛି। ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଅର୍ଥ ଆସୁଥିଲେ ହେଁ ନକ୍ସାରେ ଥିବା ସମସ୍ତ ସରକାରୀ ଜମି ଜବରଦଖଲରେ ଥିବାରୁ ଅର୍ଥ ଫେରିଯାଉଛି। ଗ୍ରାମବାସୀ ପାଣି କାଦୁଅରେ ପଶି ଗ୍ରାମକୁ ଯିବାକୁ ବାଧ ହେଉଛନ୍ତି। ଏହାର ପ୍ରତିବାଦ କରି ସମୂହ ଗ୍ରାମବାସୀ ସୋମବାର ପର୍ଯ୍ୟଟନ, ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ତହସିଲଦାର ମହେନ୍ଦ୍ର ବେହେରାଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି । ନିକଟରେ ବିଧାୟକ ପାଣ୍ଠିରୁ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଏଥିପାଇଁ ସରକାରୀ ଜମିକୁ ଜବରଦଖଲମୁକ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥର ରାଜସ୍ୱ ବିଭାଗ ସହଯୋଗ ନ କଲେ କିମ୍ବା ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଗ୍ରାମବାସୀ ଗଣ୍ଡିବେଡ-ମାର୍କୋଣା ରାସ୍ତାରେ ବସିବାକୁ ଚେତାବନୀ ଦେଇଛନ୍ତି।



ଜବରଦଖଲ ହୋଇଥିବା ଗ୍ରାମ ରାସ୍ତା।

## ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ଚାନ୍ଦବାଲି, ୧୧।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ସହରରେ ପ୍ରାୟ ୬ କୋଟି ଟଙ୍କା ବ୍ୟୟବରାଦରେ ଇନ୍‌ଡୋର ଷ୍ଟାଡିୟମ ପ୍ରତିଷ୍ଠା ହେବା ନେଇ ସରକାରଙ୍କ ପକ୍ଷରୁ ଘୋଷଣା ପରେ ଚାନ୍ଦବାଲିବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଚାନ୍ଦବାଲିର ଖେଳାଳିମାନେ କ୍ରୀଡ଼ାରେ ଉତ୍କର୍ଷତା ପ୍ରତିପାଦନ କରିବା ପାଇଁ ଏହା ସହାୟକ ହେବ ବୋଲି ବିଧାୟକ ବ୍ୟୋମକେଶ ରାୟ ସ୍ଥାନୀୟ ବିଜୁ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ଏକ ସମାବେଶରେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାବିତ୍‌ଙ୍କ ସହ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ଯୋଗଦେଇ ଖୁସିବ୍ୟକ୍ତ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ ବଳ, ପ୍ରତାପ ଧଳ, ପ୍ରିନ୍ସ ରାକେଶ ନାୟକ, ଶରତ ସାହୁ, ଖଗେଶ୍ୱର ବଳ, ନରେଶ ମାଝୀ ପ୍ରମୁଖ ଚାନ୍ଦବାଲିର କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଲଗାଣ ବର୍ଷା: ବାଲେଶ୍ୱର ସହର ସ୍ଥିତି ଅସମ୍ଭାଳ

**ବାଲେଶ୍ୱର ଅଫିସ,୧୧।୮**

ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ସହରରେ ଅସମ୍ଭାଳ ସ୍ଥିତି ସୃଷ୍ଟି ହୋଇଛି। ସହରର ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଜିଲାରେ ବୁଧବାର ଅପରାହ୍ନ ୩ଟାରୁ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ପରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ଲାଗି ରହିଥିଲା। ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଲଗାଣ ବର୍ଷା ଯୋଗୁ ସହରର ବିଭିନ୍ନ ସ୍ଥାନରେ ମୁଖ୍ୟରାସ୍ତା ଉପରେ ଅଣ୍ଟାଏ ଉଚ୍ଚର ପାଣି ଚାଲୁଥିବା ବେଳେ ସଡ଼କ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ପଶି ଲକ୍ଷାଧିକ ଟଙ୍କାର ବିଭିନ୍ନ ସାମଗ୍ରୀ ନଷ୍ଟ ହୋଇଯାଇଛି।

ସହରର ମୁଖ୍ୟ ଆଜିମାବାଦ ରାସ୍ତା, ଗଡ଼ଗଡ଼ିଆ, ଜେଲରୋଡ୍, କଂଗ୍ରେସଗଳି, ରାଣୀପାଟଣା, ମୋତିଗଞ୍ଜ ବଜାର, ଫାଣ୍ଡିଛକର ନ୍ୟୁ ମାର୍କେଟ୍, ଚିଡ଼ିଆପୋଲ ନିକଟସ୍ଥ ଦୋକାନ, ବସ୍‌ଷ୍ଟାଣ୍ଡରୁ ରେମୁଣା ରାସ୍ତା, ମାନସିଂବଜାର, ଏଡିଏମ୍ ଛକରୁ ଟେକ୍ନିକାଲ ପଡ଼ିଆ ରାସ୍ତା, ଗୋପାଳଗାଁ ପ୍ରମୁଖ ରାସ୍ତାରେ ପାଣି ସୁଅ ଦେଖିବାକୁ ମିଳିଥିଲା। ମହାନାଳ ଓ ନାଳକୁ ଠିକ୍ ଭାବେ ସଫା କରାଯାଇ ନ ଥିବାରୁ ବାରମ୍ବାର ବର୍ଷାରେ ଏଭଳି ସ୍ଥିତି ସୃଷ୍ଟି ନେଇ ଅଭିଯୋଗ ହେଉଛି। ଦମକଳ ବାହିନୀ କେତେକ ସ୍ଥାନରେ ଜଳ ନିଷ୍କାସନ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। ପ୍ରଶାସନିକ ଅଧିକାରୀମାନେ କେତେକ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।




ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି।

